# Akashvani, Sambalpur

## SAMBALPURI NEWS BULLETIN

### 15 November 2024- 6.47- 6.52 am.

*********************************************

ଜନଜାତୀୟ ଗୌରବ୍ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ଭୁବ୍‌ନେଶ୍ୱର୍‌ର ଜନତା ମଇଦାନ୍‌ଠାନେ ଜନଜାତୀୟ ଗୌରବ୍ ଦିବସ୍ ଆୟୋଜନ୍ କରାଯାଇଛେ । ଇଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖିଆ କୁନୁଆଁ ଭାବେ ଆଭାସୀ ଜରିଏ ଯୋଗ୍ ଦେବେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା ଆଉ ଅଲ୍‌ଗା ସିଆନ୍ ସୁଜନ୍‌ମାନେ ଇଥି ଉପସ୍ଥିତ୍ ରହେବେ । ବିପ୍ଳବୀ ଶହୀଦ୍ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀ ଅବ୍‌ସରେ ୨୦୨୫ ମସିହାକେ ଜନଜାତି ଗୌରବ୍ ବର୍ଷ ଭାବେ ପାଳନ୍ କର୍‌ବାର୍‌କେ କେନ୍ଦ୍ର ସର୍‌କାର୍ ଘୋଷ୍ଣା କରିଛନ୍ ।

ଇଥି ଆଏଜ୍‌ଠାନୁ ଓଡ଼ିଶାର୍ ୨୭ ଟା ଜିଲ୍ଲାର୍ ୨ ଶହ ୩୪ ଟା ବ୍ଲକ୍ ନ ଥିବା ୨ ହଜାର୍ ୪ ଶହ ୮ ଟା ଗ୍ରାମ୍‌ପଂଚାୟତ୍‌ର ୭ ହଜାର୍ ୬ ଶହ ୬୭ ଟା ଆଦିବାସୀ ବହୁଳ ଗାଁ ନ ସ୍ୱତନ୍ତ୍ର

ପଲ୍ଲୀସଭା ଆୟୋଜନ କରାଯିବା । ଇତାର୍‌ସହେତେ ଜଙ୍ଗଲ୍ ଅଧିକାର୍ ଆଇନ୍ ୱେବ୍‌ପୋର୍ଟାଲ୍‌ର ଶୁଭାରମ୍ଭ କରାଯିବା ।

କାର୍ତିକ୍ ପୁନି ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ କାର୍ତିକ୍ ପୁନି । ଗଲା ରାଏତ୍‌ସାରା ଜାଗାଜାଗା ଭଜନ୍, କୀର୍ତନ୍ ହେଇଥିବାର୍ ବେଲେ ଆଏଜ୍ ଝୁଲ୍‌ପୁଲୁ ସାରା ରାଏଜେ ଲୁକେ ନଏଦ୍, ବନ୍ଧ ଆର୍ କଟାମାନ୍‌କୁ ବୁଡ଼ ପକେଇକରି ଗୁଡ଼ି ଆର୍ ମନ୍ଦିର୍‌ମାନ୍‌କୁ ଯାଇକରି ଦେ’ଦେବ୍‌ତାଙ୍କର୍ ଦର୍ଶନ୍ କରିଛନ୍ । ହେତାର୍‌ସାଙ୍ଗେ ଓଡ଼ିଶାର୍ ପୂର୍ବାପାତିର୍ ନୌବାଣିଜ୍ୟକେ ସୁର୍‌ତା କରିକରି ଲୁକେ ନଏଦ୍, ବନ୍ଧ ଆର୍ ଜୋର୍‌ମାନ୍‌କୁ କଦେଲ୍ ପଟୁଆ, କାଗଜ୍ ଆର୍ ସୋଲ୍‌ଥି ତିଆରି ଡଙ୍ଗା ଭସାବାର୍ ଲାଗି ଭକ୍ତମାନ୍‌କର୍ ଜବର୍ ଭିଡ଼୍ ହେଇଛେ । ସେନ୍ତା ଧରମ୍ ମାସ୍ କାର୍ତିକ୍‌ର ଉଜଲ୍‌ପଖର୍ ଏକାଦଶୀ ନୁ ପୁନି ତକ୍ ହେଉଥିବା ପଂଚକ୍ ବ୍ରତ ଆଏଜ୍ ଶେଷ୍ ଦିନ୍ ।

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ପହପହନୁ ଲୁକେ ତୀର୍ଥ ପୁଷ୍କିରିଣୀମାନ୍‌କୁ ବୁଡ଼ ପକଉଛନ୍ । ଶ୍ରୀମନ୍ଦିର୍ ନ ଦିନବେଲର୍ ୧୦ ବଜେ ଭୋଗ ମଣ୍ଡପ୍ ପୂଜା ଉତ୍‌ରୁ ଉପର୍‌ବେଲାର୍ ୪ ବଜେତକ୍ ମହାପ୍ରଭୁ ରତ୍ନସିଂହାସନ୍‌ଥି ସୁନାବେଶଥି ଭକ୍ତମାନ୍‌କୁ

ଦର୍ଶନ୍ ଦେବେ । ସେନ୍ତା ଆଏଜ୍‌ଠାନୁ କଟକ୍ ନ ଐତିହାସିକ ବାଲିଯାତ୍ରା ମୁଲ୍ ହେବାର୍‌କେ ଯାଉଛେ । ବାଲିଯାତ୍ରା ଆଏବା ୨୨ ତାରିଖ୍‌ତକ୍ ଚାଲ୍‌ବା ।

ଗୁରୁନାନକ୍ ଜୟନ୍ତୀ ଆର୍‌ଏନ୍‌ୟୁ ସମ୍ବଲପୁର୍

ଗୁରୁ ନାନକ୍‌ଙ୍କର୍ ୫ ଶହ ୫୫ ନମ୍ବର୍ ଜନମ୍ ଦିନେ ଆଏଜ୍ ସାରା ଦୁନିଆଥି ଗୁରୁ ପରବ୍ ପାଲନ୍ କରାଯାଉଛେ । ଶିଖ୍ ଧରମ୍ ଥାପ୍‌ନା କରିଥିବା ଗୁରୁ ନାନକ୍‌ଙ୍କର୍ ଜନମ୍ ଦିନେ ଆଏଜ୍ ଅମୃତ୍‌ସର୍‌ର ସ୍ୱର୍ଣ୍ଣମନ୍ଦିର୍ ସଙ୍ଗେ ଦେଶ୍ ଦୁନିଆଥି ଥିବା ସବୁ ଗୁରୁଦ୍ୱାରାଥି ଭଜନ୍ କୀର୍ତନ୍ ଆର୍ ପ୍ରାର୍ଥନା କରାଯାଉଛେ ।

ସୁରଭି ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ସ୍କୁଲ୍ ମାନ୍‌କେ ମଧ୍ୟାହ୍ନ ଭୋଜନ୍ ଲାଗି ଦିଆଯାଉଥିବା ଟଙ୍କା ବାବ୍‌ଦେ ଫି’ ବିଦ୍ୟାର୍ଥୀ ପିଛା ଟଙ୍କାଟେ ବଢ଼ାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଭୁବ୍‌ନେଶ୍ୱର୍ କେପିଟାଲ୍ ହାଇସ୍କୁଲ୍ ନ ରାଜ୍ୟସ୍ତରୀୟ ଶିଶୁ ଦିବସ୍ ସମାରୋହ ସୁରଭିର ଉଦ୍‌ଯାପନୀ ସମାରୋହଥି ଉଦ୍‌ବୋଧନ୍

ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଜ୍ୟର୍ ୫୦ ହଜାର୍‌ନୁ ଅଏତ୍‌କା ପ୍ରାଥମିକ ଆଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର୍ ପାଖାପାଖବ ୪୩ ଲାଖ୍ ଛାତ୍ରଛାତ୍ରୀ ଇ ମଧ୍ୟାହ୍ନ ଭୋଜନ୍ ଯୋଜ୍‌ନାଥି ଉପକୃତ ହେଉଛନ୍ ।

ଐତିହ୍ୟ ବିଦ୍ୟାଳୟ ଆର୍‌ଏନ୍‌ୟୁ / ସମ୍ବଲପୁର

ଗଲା ଗୁଟେ ଶତାବ୍ଦୀ ନୁ ଅଏତ୍‌କା ସମିଆ ଧରିକରି ଶିକ୍ଷାଦାନ୍‌ଥି ସାମିଲ୍ ସ୍କୁଲ୍ ମାନ୍‌କର୍ ସ୍ମୃତି ଆର୍ ଗୌରବ୍‌କେ ପୁର୍ନଜୀବିତ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଐତିହ୍ୟ ବିଦ୍ୟାଳୟ ଯୋଜ୍‌ନାଥି ୫୧ ଟା ସ୍କୁଲ୍‌କେ ସାମିଲ୍ କର୍‌ବେ । ଇ ସ୍କୁଲ୍‌ମାନ୍‌କର୍ ଭିତ୍‌ରେ ସମ୍ବଲ୍‌ପୁର୍‌ର ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ, ସୁନ୍ଦର୍‌ଗଡ୍‌ର ଭବାନୀଶଙ୍କର୍ ହାଇସ୍କୁଲ୍, ନୂଆପଡ଼ାର ରାଜା ଏଟିଏଚ୍‌ଏସ୍, ଝାର୍‌ସୁଗୁଡ଼ାର୍ ସର୍‌କାରୀ ହାଇସ୍କୁଲ୍, କଲାହାଣ୍ଡିର ବି.ଏମ୍. ହାଇସ୍କୁଲ୍, ଦେବ୍‌ଗଡ୍‌ର ରାଜା ବାସୁଦେବ୍ ହାଇସ୍କୁଲ୍, ବଲାଙ୍ଗିର୍‌ର ପି.ଆର୍. ହାଇସ୍କୁଲ୍, ବର୍‌ଗଡ୍‌ର ଜର୍ଜ ହାଇସ୍କୁଲ୍, ବୌଦ୍ଧର ଜେ.ଡ଼ି. ହାଇସ୍କୁଲ୍, ସୋନ୍‌ପୁର୍‌ର ମହାରାଜା ହାଇସ୍କୁଲ୍ କେ ରାଜ୍ୟ ସର୍‌କାର୍ ଐତିହ୍ୟ ବିଦ୍ୟାଳୟ ଭାବେ ଘୋଷ୍‌ନା କରିଛନ୍ ।

ଭାସମାନ ସୌର ବିଦ୍ୟୁତ୍ ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ଖୋବ୍ ଜଲ୍ଦି ଭାସମାନ ସୌର ବିଦ୍ୟୁତ୍- ଫ୍ଲୋଟିଙ୍ଗ୍ ସୋଲାର୍ ଏନେର୍ଜି ପ୍ରକଳ୍ପ ମୁଲ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଜଲ୍ଭଣ୍ଡାର୍ ମାନ୍କେ ସୋଲାର୍ ପେନାଲ୍ ଲଗାଯାଇକରି ଇ ପ୍ରକଳ୍ପଥି ବିଦ୍ୟୁତ୍ ଉତ୍ପାଦନ୍ କରାଯିବା । ଇଥି ହୀରାକୁଦ୍, କୋଲାବ୍, ରେଙ୍ଗାଲି, ମାଛକୁଣ୍ଡ ଜଲ୍ଭଣ୍ଡାର୍କେ ସାମିଲ୍ କରାଯିବା । ଇ ବାବ୍ଦେ ଆଲୋଚନା ମୁଲ୍ ହେଇଛେ ବଲି କେନ୍ଦ୍ର ନୂତନ ଆଉ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ତର୍ଫୁ ଭୁବ୍ନେଶ୍ୱର୍ ଠାନେ ମୁଲ୍ ହେଇଥିବା ଚିନ୍ତନ୍ ଶିବିରଥି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଇଟା କହିଛନ୍ ।

କ୍ରୀଡ଼ାବିତ୍- ଆର୍ଥିକ୍ ପୁରସ୍କାର୍ ସୂଚନା ଲୋକସମ୍ପର୍କ ବିଭାଗ୍

ଜାତୀୟ ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାମାନ୍କେ ବଢ଼ିଆଁ ପ୍ରଦର୍ଶନ୍ କରିଥିବାର୍ ସଫଲ୍ କ୍ରୀଡ଼ାବିତ୍ମାନ୍କୁ ଗଲାକାଏଲ୍ ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍ଫୁ ଆର୍ଥିକ୍ ପୁରସ୍କାର୍ ଦିଆଯାଇଛେ । ବିଭାଗ୍ ତର୍ଫୁ ୧୫ ଟା କ୍ରୀଡ଼ା ବର୍ଗଥି ଶହେ ୨୯

୪ନ୍ କ୍ରୀଡ଼ାବିତ୍‌ଙ୍କୁ ୧୭ ଲାଖ୍ ୮୩ ହଜାର୍ ୫ ଶହ ଟଙ୍କାର୍ ପୁରସ୍କାର୍ ଦିଆଯାଇଥିଲା ।

ଦିଲ୍ଲୀ ଭାରତ୍‌ମଣ୍ଡପ୍- ଓଡ଼ିଶା          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ମହିଳାମାନ୍‌କର୍ ନେତୃତ୍ୱଥି ବିକାଶ୍‌କେ ସବୁଠାନୁ ଜହ ଜୋର୍ ଦଉଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଦିଲ୍ଲୀର ଭାରତ୍‌ମଣ୍ଡପମ୍ କମ୍ପ୍ଲେକ୍ସ ଠାନେ ଗଲାକାଏଲ୍‌ନୁ ମୁଲ୍ ହେଇଥିବା ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଲା ନ ଓଡ଼ିଶା ମଣ୍ଡପ୍‌ର ଉଦ୍‌ଘାଟନ୍ କରିକରି ଉପମୁଖ୍ୟମନ୍ତ୍ରୀ କହିଛନ୍ ଯେ, ମିଶନ୍ ଶକ୍ତି ଜରିଏ ମହିଳାମାନେ ସେମାନ୍‌କର୍ ଆର୍ଥିକ୍ ବ୍ୟବସ୍ଥାକେ ମଜ୍‌ବୁତ୍ କରୁଛନ୍ ।

ଓଏସ୍‌ଏସ୍‌ଟିଇଟି - ଆବେଦନ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ଯୋଗ୍ୟତା ପରୀକ୍ଷା - ଓଏସ୍‌ଏସ୍‌ଟିଇଟି - ୨୦୨୪ ଲାଗି ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ଆବେଦନ୍ ଆହ୍ୱାନ୍ କରାଯାଇଛେ । ଇ ପରୀକ୍ଷା ଦେବାର୍‌କେ ଚାହୁଁଥିବା ପ୍ରାର୍ଥୀମାନେ ଆଏବା ୧୯ ତାରିଖ୍‌ନୁ

ଡିସେମ୍ବର୍ ୧ ତାରିଖ୍‌ତକ୍ ଅନ୍‌ଲାଇନ୍‌ଥି ଆବେଦନ୍ କର୍‌ବାର୍ ସୁଯୋଗ୍ ପାଏବେ । ଆବେଦନ୍ ଲାଗି ବୋର୍ଡ଼ର ୱେବ୍‌ସାଇଟ୍‌ଥି ଆଏବା ୧୯ ତାରିଖ୍‌ନୁ ଲିଙ୍କ୍ ମିଲ୍‌ବା ।  ଇ ଲିଙ୍କ୍ ଆଧାର୍‌ଥି ପ୍ରାର୍ଥୀମାନେ ଅନ୍‌ଲାଇନ୍‌ଥି ଫର୍ମ ପୂରଣ୍ କର୍‌ବେ ବଲି କର୍ତୃପକ୍ଷ କହିଛନ୍ ।

ମଣ୍ଡି ଉନ୍ନୟନ୍        ସମ୍ବଲପୁର ସମ୍ବାଦଦାତା

ଧାନ୍ ବାଗିର୍ ଖାଦ୍ୟଶସ୍ୟ ଘିନାବିକାର୍ ଲାଗି ଚାଷୀମାନ୍‌କୁ ସୁବିଧା ଦେବାର୍‌କେ ସମ୍ବଲ୍‌ପୁର୍ ଜିଲ୍ଲାର୍ ୨୮ ଟା ମଣ୍ଡିର ବିକାଶ୍ କରାଯିବା । ଫି’ ମଣ୍ଡିର ବିକାଶ୍ ଲାଗି ପୂର୍ତ ବିଭାଗ୍ ତର୍‌ଫୁ ୨୫ ଲାଖ୍ ଟଙ୍କାନୁ ପାଖାପାଖି ୭୧ ଲାଖ୍ ଟଙ୍କାତକ୍ ବ୍ୟୟ ଅଟକଳ କରାଯାଇଛେ ।